ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

28th Jan, 2021

# ଜଟଣୀ: ବିଭିନ୍ନ ସ୍ଥାନରେ ଜନରାଜ୍ୟ ଦିବସ

**ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ**

ଜଟଣୀ,୨୭।୧(ନି.ପ୍ର): ଜଟଣୀରେ ବିଭିନ୍ନ ସ୍ଥାନରେ ୭୨ ତମ




ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି । ଖୋର୍ଦ୍ଧାରୋଡ଼ ରେଳ ଷ୍ଟାଡ଼ିୟମ ଠାରେ ଡ଼ିଆରଏମ୍ ଶଶାକାନ୍ତ ସିଂହ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ । ପ୍ରାରମ୍ଭରେ ସମ୍ବିଧାନ ନିର୍ମାତା ଏବଂ ଦେଶ ନିର୍ମାଣରେ ସହଯୋଗ କରିଥିବା ଦେଶର ବରପୁତ୍ରଙ୍କୁ ସେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଦେଶର ଅଖଣ୍ଡତା ରକ୍ଷା ଏବଂ ପ୍ରଗତି ଓ ବିକାଶ ପ୍ରକ୍ରିୟାରେ ସହଯୋଗ କରିବାକୁ ସେ ସମସ୍ତଙ୍କୁ ନିବେଦନ କରିଥିଲେ । ଦେଶରେ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଦେଶକୁ ଏକ ସୂତ୍ରରେ ବାନ୍ଧି ରଖିଥିବା ଭାରତୀୟ ରେଳବାଇର ଗୁରୁତ୍ୱପୂର୍ଣ୍ଣ ଯୋଗଦାନକୁ ସେ ସ୍ମରଣ କରିଥିଲେ ।

**ଭୁବନେଶ୍ୱର ଆଇଆଇଟି**

ଜଟଣୀ ଅରଗୁଳ ସ୍ଥିତ ଭୁବନେଶ୍ୱର ଆଇଆଇଟି ପରିସରରେ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାର ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଆତ୍ମନିର୍ଭର ଭାରତ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା, ପ୍ରଫେସର ସୁଜିତ କୁମାର ରାୟ,ଡ଼.ଭି. ଆର.ପେଡ଼ିରେଡ୍ଡି, ଡ଼.ପି.ଆର.ସାହୁ, ଆଇଆଇଟିର କୁଳସଚୀବ ଡ଼.ସୁବୋଧ କୁମାର, ଯୁଗ୍ମ କୁଳସଚୀବ ଦେବରାଜ ରଥ,ଡ଼.ଶଙ୍କର୍ଷଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

ଜଟଣୀ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରସରରେ ମ୍ୟୁନିସିପାଲିଟିର ପ୍ରଶାସକ ତଥା ଭୁବନେଶ୍ୱର ଉପ ଜିଲାପାଳ



ଦେବବ୍ରତ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ । କାର୍ଯ୍ୟନିର୍ବାହାଧିକାରୀ ଦିଲ୍ଲୀପ କୁମାର ମହାନ୍ତି ଏବଂ ପୌର କର୍ମଚାରୀ ଯୋଗ ଦେଇଥିଲେ ।